# ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 05-01-2024

ଗଜପତି(ଓଡିଶା) - :2024-01-05 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-01-06 | 2024-01-07 | 2024-01-08 | 2024-01-09 | 2024-01-10 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 30.0 | 30.0 | 29.0 | 29.0 | 29.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 17.0 | 18.0 | 18.0 | 17.0 | 16.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 70 | 84 | 74 | 66 | 68 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 28 | 27 | 35 | 30 | 31 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 5 | 5 | 4 | 4 | 4 |
| ପବନର ଦିଗ (ଡିଗ୍ରୀ) | 112 | 124 | 115 | 116 | 180 |
| ମେଘାଚ୍ଛନ (ଅକ୍ଟା) | 0 | 1 | 2 | 2 | 1 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ମଙ୍ଗଳବାର ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସହିତ ଆକାଶ ସଫା ରୁ ମୁଖ୍ୟତଃ ସଫା ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୪.୦ ରୁ ୦୫.୦ କିଲୋମିଟର ପ୍ରତି ଘଣ୍ଟା ମଧରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୯.୦° ସେଲସିୟସ ରୁ ୩୦.୦° ସେଲସିୟସ ଏବଂ ୧୬.୦° ସେଲସିୟସ ରୁ ୧୮.୦° ସେଲସିୟସ ମଧରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୬୬ ରୁ ୮୪ ଶତକଡା ଏବଂ ୨୭ ରୁ ୩୫ ଶତକଡା ମଧରେ ରହିପାରେ ।

## ସାଧାରଣ ଉପଦେଶ:

ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୨୯.୭° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୧୬.୭° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୦.୦ ମିଲିମିଟର ବର୍ଷା ହୋଇଅଛି । ବିଶୋଧିତ ଗଜା ଧାନକୁ କାଦୁଅ ଜମିରେ ବୁଣାବୁଣି କରନ୍ତୁ କିମ୍ବା ଡ୍ରମ ସିଡର ରେ ଲଗାନ୍ତୁ । ତଳି ଭଲ ବଢିବା ଏବଂ ଚେର ମାଟିକୁ ଧରିବା ପାଇଁ ଜମିରେ ପାଣିର ପତଳା ସ୍ତର ରଖନ୍ତୁ । ତଳିଘରା କୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ ଧାନ ବୁଣି ସାରିବା ପରେ ତଳଘରା ଉପରେ ଶୁଖିଲା ଗୋବର ଖତଗୁଣ୍ଡ ର ଏକ ପତଳା ଆସ୍ତରଣ ପକାନ୍ତୁ । ତଳିଘରାରେ ସନ୍ଧ୍ୟା ସମୟରେ ବୋରୱେଲ ପାଣି ଦ୍ଵାରା ଜଳସେଚନ କରନ୍ତୁ ଏବଂ ଠିଆ ପାଣି କାଟି ଦେଇ ମାଟି କୁ ଓଦା ରଖନ୍ତୁ । ଅତ୍ୟଧିକ ଶୀତ ହେଉଥିବା ଅଞ୍ଚଳରେ ତଳିଘରା କୁ ରାତ୍ରି ସମୟରେ ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

ବର୍ତ୍ତମାନ ତାପମାତ୍ରା କମ୍ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ, ତଳିଘେରା ରେ ପଲିଥିନ୍ ଦ୍ଵାରା ଆଚ୍ଛାଦିକରଣ କରନ୍ତୁ ।

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଡାଲୁଅ ଧାନ ଚାଷ ପାଇଁ ଅଧିକ ଅମଳକ୍ଷମ ଧାନ କିସମ ଯଥା ସତ୍ୟଭାମା, ସହଭାଗୀ ଧାନ, ମନ୍ଦାକିନୀ, ମାନସ୍ୱିନୀ, ଡିଆରଆର-୪୨, ଡିଆରଆର-୪୩, ଡିଆରଆର-୪୪, ବୀଣା-୧୧, ଜିବି-୧, ଉନ୍ନତ ଲଲାଟ, ଏମଟିୟୁ-୧୦୧୦, ଏମଟିୟୁ-୧୦୦୧, ନବୀନ, ସ୍ୱର୍ଣ୍ଣ ଶ୍ରେୟା ଇତ୍ୟାଦି ଧାନ କିସମ ବ୍ୟବହାର କରନ୍ତୁ । ଏକ ଏକର ଧାନ ଚାଷ ପାଇଁ ୨୦ କିଲୋଗ୍ରାମ ଧାନ ବିହନ ତଳି ପକେଇବା ପାଇଁ ଆବଶ୍ୟକ ହୋଇଥାଏ । ବିହନ ବିଶୋଧନ କରିବା ପାଇଁ ପ୍ରତି କିଲୋଗ୍ରାମ ଧାନ ବିହନରେ ୨ ଗ୍ରାମ କାର୍ବେଣ୍ଡାଜିମ ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ କାର୍ବୋକ୍ସିନ ଏବଂ ଥିରାମ ର ମିଳିତ ଫିମ୍ପିନାଶକ କୁ ମିଶାଇ ବିହନ ବିଶୋଧନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ಮೆಣಸಿನ್ಕಾಠಿ | ଲଙ୍କା ଫସଲରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ ପତ୍ର ଉକୁଣି ପୋକ ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏକର ପ୍ରତି ୪୦ ଗ୍ରାମ ଥାୟମେଥୋକଜାମ ନାମକ କୀଟନାଶକ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକ କିମ୍ବା ୪୦୦ ମିଲି ପ୍ରୋଫେନୋଫସ ଓ ଫେନପାଇରୋକ୍ସିମାଇଟ ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଲଙ୍କା | ଲଙ୍କା ଫସଲରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ ପତ୍ର ଉକୁଣି ପୋକ ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏକର ପ୍ରତି ୪୦ ଗ୍ରାମ ଥାୟମେଥୋକଜାମ ନାମକ କୀଟନାଶକ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକ କିମ୍ବା ୪୦୦ ମିଲି ପ୍ରୋଫେନୋଫସ ଓ ଫେନପାଇରୋକ୍ସିମାଇଟ ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଟମାଟର | ଟମାଟୋ ଫସଲରେ ଫଳବିନ୍ଧା ପୋକ ର ଆକ୍ରମଣ ଦେଖାଦେଲେ ଏହାର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଫଳ ଗୁଡିକ ସଂଗ୍ରହ କରି ଦୂରରେ ନଷ୍ଟ କରି ଦିଅନ୍ତୁ । ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି Heliure ଥିବା ସଙ୍ଗ ଆକର୍ଷକ ଯନ୍ତା ରୁ ୨୦ ଟି ରଖନ୍ତୁ । ଟମାଟୋ ଫସଲରେ ଯଦି ଶତକଡା ୧୦ ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଔଷଧ ପ୍ରୟୋଗ କରନ୍ତୁ । ଏହି ପୋକର ରାସାୟନିକ ଉପାଯରେ ପରିଚାଳନା ପାଇଁ ଏକର ପ୍ରତି ୮୦ ମିଲି କ୍ଲୋରାନଟ୍ରାନିଲିପ୍ରୋଲ କିମ୍ବା ୪୦ ମିଲି ଫ୍ଲୁବେଣ୍ଡିଆମାଇଡ୍ କିମ୍ବା ୨୦୦ ମିଲି ଇଣ୍ଡୋକ୍ସାକାର୍ବ ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଶୀତ ଋତୁରେ ଗାଈଗୋରୁ ମାନଙ୍କୁ ବାୟୁ ଚଳପ୍ରଚଳ କରୁଥିବା ଗୁହାଳ ଘରେ ରଖନ୍ତୁ । ଗୁହାଳର ଚଟାଣ ସଫା ଓ ଶୁଖିଲା ରଖନ୍ତୁ, ଗାଈଗୋରୁ ଶୋଇବା ସ୍ଥାନରେ ନଡା ବିଛେଇ ଦିଅନ୍ତୁ । ଶୀତ ଦିନରେ ତାପମାତ୍ରା ହ୍ରାସ ପାଉଥିବାରୁ ଗାଈଗୋରୁ ମାନଙ୍କୁ ଅଧିକ ମାତ୍ରାରେ ଖାଦ୍ୟ ଆବଶ୍ୟକ ହୋଇଥାଏ । ଦୁଗ୍ଧ ଉତ୍ପାଦନ ବଢେଇବା ପାଇଁ ଘାସ ଜାତୀୟ ଗୋଖାଦ୍ୟ ଅଧିକ ମାତ୍ରାରେ ଖାଇବାକୁ ଦିଅନ୍ତୁ । ମଇଁଷି ଓ ଗାଈଗୋରୁ ମାନଙ୍କ ଶରୀର ତାପମାତ୍ରା ବଜାୟ ରଖିବା ପାଇଁ ମକା, ଗହମ ଓ ତେଲ ପିଡିଆ ଆଦି ଗୋଖାଦ୍ୟ ୩ କେଜି ହିସାବରେ ଦିଅନ୍ତୁ । |
| ଛେଳି | ଶୀତଦିନେ PPR ରୋଗ 'ଛେଳିମହାମାରୀ' ଭାବରେ ମଧ୍ୟ ଜଣାଶୁଣା । ଏହି ଭାଇରାଲ୍ ରୋଗ ଯାହା ଛେଳି ଏବଂ ମେଣ୍ଢା କୁ ପ୍ରଭାବିତ କରେ ଯାହା ହଠାତ୍, ନିମୋନିଆ ଏବଂ କାଶ ସୃଷ୍ଟି କରେ । ପ୍ରଭାବିତ ପଶୁ ମାନେ ଅସ୍ଥିର ଦେଖାଯାନ୍ତି, ଏକ ଦୁର୍ବଳ ଚର୍ମ, ଶୁଖିଲା ମୁହଁ ଏବଂ ଉଦାସୀନ ଭୋକ ଏହି ରୋଗ ର ଲକ୍ଷଣ । ଗର୍ଭବତୀ ପ୍ରାଣୀ ଗର୍ଭପାତ କରି ପାରନ୍ତି । ତେଣୁ ପଶୁମାନଙ୍କୁ ଉଚିତ୍ ଟୀକାକରଣ କରନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ ଫୀସହ | ଶୀତ ଋତୁରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖାଯାଇଥାଏ । ଏହି ରୋଗମାନଙ୍କର ନିରାକରଣ ନିମନ୍ତେ ଏକ ଏକର ପୋଖରୀ ପ୍ରତି ୪୦୦ ମିଲି CIFAX କୁ ୪୦ ଲିଟର ପାଣିରେ ମିଶାଇ ବିଶୋଧନ କରନ୍ତୁ । ପ୍ରତି ଦିନ ମାଛ ମାନଙ୍କୁ ତେଲ ପିଡିଆ ଖାଇବାକୁ ଦିଅନ୍ତୁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | ଶୀତ ଋତୁରେ କୁକୁଡା ମାନଙ୍କୁ ଅଧିକ ପରିମାଣର ଖାଦ୍ୟ ଓ ପାଣି ଦିଅନ୍ତୁ । ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡା ଗୃହରେ ୨୦୦ ୱାଟ ର ବଲବ ଲଗାନ୍ତୁ । କୁକୁଡା ମାନଙ୍କୁ ଠିକ ସମୟରେ ଟୀକାକରଣ କରନ୍ତୁ । |